**NEW PAPER:** Dharitri

**DATE:** 06.03.2019

**PAGE:** 13

ଧରିତ୍ରୀ
DHARITRI

# ଏଏସ୍‌ବିଏମ୍‌ରେ ଉଦ୍ୟୋଗ ବିକାଶ କର୍ମଶାଳା

ଭୁବନେଶ୍ୱର,୫।୩: ଏସିଆନ୍ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍)ରେ ଉଦ୍ୟୋଗ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍ୟୋଗ ବିକାଶ ଲାଗି ଭୂମି,ଶ୍ରମ, ପୁଞ୍ଜି ଏବଂ ସଙ୍ଗଠନର ସଫଳ ରୂପାୟନ ଉପରେ କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଉପମହାପ୍ରବନ୍ଧକ ୱାଇ.ଏନ୍.ଦ୍ୱିବେଦୀ ଗୁରୁତ୍ୱାରୋପ କରିଥିଲେ। ପ୍ରତିଷ୍ଠାନର ଡିନ ପ୍ରଫେସର କଲ୍ୟାଣ ଶଙ୍କର ରାଏ ଉଦ୍ୟୋଗପତିମାନଙ୍କର ବିକାଶଧାରା ଉପରେ ଆଲୋଚନା କରିଥିଲେ। ୩ ଦିନିଆ କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ କର୍ପୋରେଟର ପ୍ରତିନିଧି ଉପସ୍ଥିତ ଥିଲେ।